ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୮ ସେପ୍ଟେମ୍ବର ୨୦୨୩

## ମଦ ଜବତ, ୪ ଗିରଫ

କାମାକ୍ଷାନଗର,୨୭।୯(ଅମଜାଦ୍ ଖାନ)- ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ଚଢ଼ାଉ କରି ୭୬ ଲିଟର ଦେଶୀ ମଦ ଜବତ କରିଛି। ଏହି ଘଟଣାରେ କୁମୁସି ଗ୍ରାମର ସ୍ୱାଧୀନ ଦାସ, ରଙ୍ଗଥଳି ଗ୍ରାମର ଜଗନ୍ନାଥ ପ୍ରଧାନ, ୩ ନମ୍ବର କଲୋନୀର ବିକୁ ଦେହୁରୀ ଏବଂ ବ୍ରାହ୍ମଣବେଡ଼ାର ନବକିଶୋର ସାହୁଙ୍କୁ ଗିରଫ କରାଯାଇଛି। ଜିଲା ଅବକାରୀ ଅଧୀକ୍ଷକ ପ୍ରଦୀପ ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ପରଜଙ୍ଗ ଭାରପ୍ରାପ୍ତ ଅବକାରୀ ସବ୍ ଇନ୍ସପେକ୍ଟର ଦୀପ ଦୋତନ ବିଶ୍ୱାଳ ଚଢ଼ାଉ କରିଥିଲେ।



## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ଛେଣ୍ଡିପଦା,୨୭।୯(ଅଜିତ୍ ଧଳ)

ଛେଣ୍ଡିପଦା ଥାନା ଚାଙ୍ଗୁଡିଆ ଗ୍ରାମ ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ କଣିହାଁ ଥାନା ଲୁହାମୁରା ଗ୍ରାମର କରୁଣାକର ବେହେରା। କରୁଣାକର ମଙ୍ଗଳବାର କୋଶଳାରୁ କାମ ସାରି ବାଇକ୍ ଯୋଗେ ଚାଙ୍ଗୁଡ଼ିଆ ଗ୍ରାମରେ ଥିବା ତାଙ୍କ ଶ୍ୱଶୁର ଘରକୁ ଫେରୁଥିବାବେଳେ ଚାଙ୍ଗୁଡ଼ିଆ ଗ୍ରାମ ତେଲକବେଡା ନିକଟରେ ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ କରୁଣାକର ରାସ୍ତାପାର୍ଶ୍ୱରେ ଥିବା ଏକ ପାଣି ଚହଲାରେ ପଡି ଯାଇଥିଲେ। ସକାଳେ ଗ୍ରାମବାସୀ କରୁଣାକରଙ୍କ ମୃତଦେହ ଚହଲା ନିକଟରେ ପଡ଼ିଥିବା ଦେଖି ତାଙ୍କ ଶ୍ୱଶୁର ଘରକୁ ସୂଚନା ଦେଇଥିଲେ। ଖବରପାଇ ପରିବାର ଓ ସମ୍ପର୍କୀୟମାନେ ପହଞ୍ଚି ମୃତଦେହ ଉଦ୍ଧାର କରିବାସହ କ୍ଷତିପୂରଣ ଦାବିରେ ଚାଙ୍ଗୁଡିଆ-କୋଶଳା ରାସ୍ତା ଅବରୋଧ କରିଥିଲେ। ପୋଲିସ ଉକ୍ତ ଲୋକଙ୍କୁ ବୁଝାଶୁଝା କରି ରାସ୍ତା ଅବରୋଧ ହଟାଇବା ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ନଂ. ୪୦୪/୨୩ରେ ମାମଲା ରୁଜୁ ହୋଇଛି।

# ମେଲାଣି ନେଲେ ଅଗ୍ରପୂଜ୍ୟ







ସହରରେ ଭସାଣି ଶୋଭାଯାତ୍ରା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ।



ଭସାଣି ଶୋଭାଯାତ୍ରା ବେଳେ ଲାଇଟ୍ ଶୋ'।

ଅନୁଗୋଳ,୨୭।୯(ଅମିତ କୁମାର ସାମଲ)

### ଲାଇଟ୍ ଶୋ'ରେ ଝଲସିଲା ଅନୁଗୋଳ

ଅନୁଗୋଳ ସହରରୁ ବୁଧବାର ମେଲାଣି ନେଇଛନ୍ତି ଅଗ୍ରପୂଜ୍ୟ ଶ୍ରୀ ଗଣେଶ। ଅପରାହ୍ନରେ ଏହି ବିଦାୟ ପର୍ବ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ମେଲଣ ଉତ୍ସବକୁ ଯୁବଗୋଷ୍ଠୀ ଧୁମଧାମରେ ପାଳନ କରିଥିଲେ। ଧାଡି କି ଧାଡି ବ୍ରାସ୍ ବ୍ୟାଣ୍ଡ ସାଙ୍ଗକୁ ଆଖି ଝଲସାଇଦେଲା ଭଳି ଲାଇଟ୍ ଶୋ'ରେ ସହର ଝିଲ୍‌ମିଲ୍ ହୋଇ ଉଠିଥିଲା। ଏହାସାଙ୍ଗକୁ ବିଭିନ୍ନ ପୂଜା କମିଟି ପକ୍ଷରୁ ବାଦ୍ୟଯନ୍ତ୍ର ଓ ଲୋକନୃତ୍ୟ ସହରବାସୀଙ୍କୁ ଚମତ୍କୃତ କରିଦେଇଥିଲା। ଝିପି ଝିପି ବର୍ଷା ମଧ୍ୟ ଆୟୋଜକ ଓ ଦର୍ଶକଙ୍କ ଉତ୍ସାହକୁ ରୋକି ପାରି ନ ଥିଲା। କଲିକତି ଲାଇଟର ତାଳେ ତାଳେ ପିଲା ଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ଝୁମି ଉଠିଥିଲେ। ପୂର୍ବରୁ ଗଣେଶ ପୂଜା ସେଣ୍ଟ୍ରାଲ କମିଟି ପକ୍ଷରୁ ଲଟେରି ମାଧ୍ୟମରେ ଧାର୍ଯ୍ୟ କରାଯାଇଥିବା ୨୨ଟି ମେଢ ପଛକୁ ପଛ ରହିଥିଲା। ଗ୍ରୁପ ଏ'ରେ ଥିବା ୧୪ଟି ମେଢ ଥାନା ଛକରୁ ବାହାରି ବଜାର ଛକ ଦେଇ ଯାଇଥିଲା। ସେହିଭଳି ଗ୍ରୁପ ବି'ରେ ଥିବା ୮ଟି ମେଢ କାଞ୍ଚନ ଟକିଜରୁ ବାହାରି ରାଜା ଛକ ଦେଇ ଡିଆଇସି ଛକକୁ ଯାଇଥିଲା। ମୋଟାମୋଟି ଭାବେ ଶୃଙ୍ଖଳାର ସହ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅନ୍ୟପକ୍ଷରେ ମଦ୍ୟପଙ୍କୁ ସାବାଡ କରିବାକୁ ଖୋଦ୍ ଥାନାଧିକାରୀ ସହରରେ ପଇଁତରା ମରିଥିଲେ। କେତେଜଣ ମଦ୍ୟପଙ୍କ ଠାରୁ ଜରିମାନା ଆଦାୟ କରାଯାଉଥିବା ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଧୁମ୍‌ଧାମରେ ହେଲା ଭସାଣି

ପାଲଲହଡା,୨୭।୯(ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡରେ ବୁଧବାର ଗଣେଶଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ଗଣେଶ ପୂଜା କମିଟି ସଭାପତି ସନ୍ତୋଷ କୁମାର ଦେହୁରୀଙ୍କ ତତ୍ତ୍ୱାବଧାନରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଳମ୍ବରେ ଆରମ୍ଭ ହୋଇଥିବା ମେଳଣ ଉତ୍ସବ ସହ ତରତରିଆ ଭାବେ କେନ୍ଦ୍ରୀୟ କମିଟି ସଭା କାର୍ଯ୍ୟ ଶେଷ କରି ଭସାଣି କାର୍ଯ୍ୟ ଆରମ୍ଭ କରିଥିଲା। ରାମ ମନ୍ଦିର ପୂଜା କମିଟି ୨୫ ହଜାର ୨ଶହ ଟଙ୍କାରେ ଆଞ୍ଜାଲଡୁ ନିଲାମ ନେଇଥିଲା। ଲଡୁ ନିଲାମରୁ ଆଦାୟ ହୋଇଥିବା ଅର୍ଥକୁ ଉପଖଣ୍ଡ ରେଡ୍‌କ୍ରସ ପାଣ୍ଠିକୁ ପ୍ରଦାନ କରାଯିବ ବୋଲି ସଭାପତି ଦେହୁରୀ ସୂଚନା ଦେଇଛନ୍ତି। ୧୧ ମେଢକୁ ନେଇ ସମ୍ବଲପୁରୀ ଢୋଲ, ନିଶାନ ଆଉ ପାରମ୍ପରିକ ବାଦ୍ୟରେ ଭସାଣି ଉତ୍ସବ ହୋଇଥିଲା।



## କ୍ରୀଡ଼ାବିତ୍‌ଙ୍କୁ ପ୍ରେରଣା ଦେଲେ ଅତିଥି



ଉଦ୍‌ଯାପନୀ ଉତ୍ସବରେ ପୁରସ୍କାର ପ୍ରଦାନ କରାଯାଉଛି।

ଢେଙ୍କାନାଳ,୨୭।୯(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ୍ ବାଣୀ ସରକାରୀ ଉଚ୍ଚ ବିଦ୍ୟାପୀଠ ନଡିଆଳୀଠାରେ ଚାଲିଥିବା ବ୍ଲକସ୍ତରୀୟ ଖୋଖୋ, କବାଡି ଓ ଫୁଟବଲ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସଦର ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀ ବ୍ରହ୍ମାନନ୍ଦ ରାଉତ ଯୋଗଦେଇ କ୍ରୀଡ଼ାର ସର୍ବାଙ୍ଗୀନ ଉନ୍ନତି ପାଇଁ କ୍ରୀଡାବିତ୍‌ମାନଙ୍କୁ ପ୍ରେରଣା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ରଜକିଶୋର ବେହେରା ଓ ହୃଷୀକେଶ ମୁଦୁଲି, ଜାତୀୟସ୍ତରୀୟ କ୍ରୀଡାବିତ୍ ଅକାରଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ୍‌ର ୪ଟି ଜୋନ୍‌ରୁ ୩୨୫ ପ୍ରତିଯୋଗୀ ଯୋଗଦାନ କରିଥିଲେ। କୃତିତ୍ୱ ହାସଲ କରିଥିବା କ୍ରୀଡାବିତ୍‌ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବ୍ଲକ କ୍ରୀଡ଼ା ସମ୍ପାଦକ ସୁଶୀଲ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ପୂର୍ବତନ କ୍ରୀଡା ସମ୍ପାଦକ ନରେଶ କୁମାର ମହାରଣା ଧନ୍ୟବାଦ ପ୍ରଦାନ କରିଥିଲେ। ଅନିଲ ପ୍ରସାଦ ନନ୍ଦ, ସନ୍ତୋଷ କାନୁନ୍‌ଗୋ, ବୋନସନ ବରାଳ, ଜଗନ୍ନାଥ ସାହୁ ଓ ଉମେଶ ଦାସ ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷକ ଅମିୟ କୁମାର ଧଳ, ବିଦୁର କୁମାର ସାମଲ, ପ୍ରତ୍ୟୁଷ କୁମାର ସାହୁ, ରଞ୍ଜନ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ।

## ଜ୍ଞାନେନ୍ଦ୍ର ମିଳିତ ବଜାର ପୂଜା କମିଟି ସଭାପତି

ଢେଙ୍କାନାଳ,୨୭।୯(ରତନ ନାୟାର)

ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜା ଉତ୍ସବ ୨୦୨୩ ପାଇଁ ମିଳିତ ବଜାର ପୂଜା କମିଟି ସଭାପତି ଭାବେ ଜ୍ଞାନେନ୍ଦ୍ର ବେହେରା ମନୋନୀତ ହୋଇଛନ୍ତି। କମିଟିର ଏକ ବୈଠକ ସ୍ଥାନୀୟ ମୀନା ବଜାର ପୂଜା ପ୍ରତିଷ୍ଠାନ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ମୀନାବଜାର ପୂଜା କମିଟି ସଭାପତି ରବି ନାରାୟଣ ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ପୀତବାସ ସାହୁ ବିବରଣୀ ପ୍ରଦାନ କରିଥିଲେ। ଗତଥର ସଭାପତି ଗୋପାଳଚନ୍ଦ୍ର ପାତ୍ର, ମହାବୀର ବଜାର ପୂଜା କମିଟି ସମ୍ପାଦକ ଜ୍ଞାନେନ୍ଦ୍ର ବେହେରାଙ୍କ ନାମ ପ୍ରସ୍ତାବ ଦେଇଥିଲେ। ଜବାହାର ପୂଜା କମିଟି ସମ୍ପାଦକ ସୁଧାଂଶୁ ଦଳେଇ ଏହାକୁ ସମର୍ଥନ କରିବା ପରେ ଜ୍ଞାନେନ୍ଦ୍ର ସର୍ବସମ୍ମତି କ୍ରମେ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଚଳିତବର୍ଷ ପ୍ରସିଦ୍ଧ ଲକ୍ଷ୍ମୀ ପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ନୂତନ ସଭାପତି ସମସ୍ତ ପୂଜା କମିଟି କର୍ମକର୍ତ୍ତା, ସଦସ୍ୟ ସହରବାସୀଙ୍କ ସହଯୋଗ କାମନା କରିଥିଲେ।



ନୂତନ ସଭାପତିଙ୍କ ସମେତ ଅନ୍ୟମାନେ।

## ଆକର୍ଷଣୀୟ ପୂଜା ଉପରେ ଗୁରୁତ୍ୱ



ବୈଠକରେ ଲକ୍ଷ୍ମୀ ନାରାୟଣ ପୂଜା କମିଟି କର୍ମକର୍ତ୍ତାମାନେ।

ଅନୁଗୋଳ,୨୭।୯(ଅମିତ କୁମାର ସାମଲ)

ଅନୁଗୋଳ ସହର ଶଙ୍କର ସିନେମା ରୋଡ୍‌ସ୍ଥିତ ରାଣୀସତୀ ମନ୍ଦିର ପ୍ରାଙ୍ଗଣରେ ବଜାର ଛକ ଲକ୍ଷ୍ମୀ ନାରାୟଣ ପୂଜା କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଦସ୍ୟ ଚତୁର୍ଭୁଜ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ଚନ୍ଦ୍ରକାନ୍ତ ଧଳ ଗତବର୍ଷର ଆୟବ୍ୟୟ ସଂକ୍ରାନ୍ତରେ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଚଳିତବର୍ଷ ପୂଜାକୁ ଅଧିକ ଆକର୍ଷଣୀୟ ଓ ଆଡମ୍ବରପୂର୍ଣ୍ଣ କରିବାକୁ ନୂଆ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ସୁଧୀର ରଞ୍ଜନ ସାହୁ, ସାଧାରଣ ସମ୍ପାଦକ ଭାବେ ଚନ୍ଦ୍ରକାନ୍ତ ଧଳ, ଉପସଭାପତି ଶେଖ ରଫିକ ଓ କମଲେଶ ବର୍ମା, କୋଷାଧ୍ୟକ୍ଷ ଭାବେ ବ୍ରଜବନ୍ଧୁ ଦେହୁରୀ ଓ ସହ ସମ୍ପାଦକ ଭାବେ କପିଲ ଫୋଗଲାଙ୍କୁ ପୁନର୍ବାର ନିର୍ବାଚିତ କରାଯାଇଥିଲା। ଚଳିତବର୍ଷ ଏହି କମିଟିକୁ ୧୧ ବର୍ଷ ପୂରଣ ହେବାକୁ ଯାଉଥିବାରୁ ସମସ୍ତ ସଦସ୍ୟ ଏବଂ ଉପଦେଷ୍ଟା ସ୍ୱାଗତ ଜଣାଇଥିଲେ। ଏହି କାର୍ଯ୍ୟକ୍ରମକୁ କମିଟି ଉପଦେଷ୍ଟା ନିଖାର ଅଲ୍ଲୀ ଦାମାନୀ ପରିଚାଳନା କରିଥିଲେ।

## ବ୍ରହ୍ମ ଅବଧୂତ ଆଶ୍ରମରେ ବାର୍ଷିକ ଉତ୍ସବ

ବଅଁରପାଳ,୨୭।୯(ଉପେନ୍ଦ୍ର ରାଉତ)

ବଅଁରପାଳ ବ୍ଲକ ଅନ୍ତର୍ଗତ ଗୋତମରାସ୍ଥିତ ବ୍ରହ୍ମ ଅବଧୂତ ଆଶ୍ରମର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଗତ ୨୪ ତାରିଖ ସକାଳେ ଅଧିବାସ ଓ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ୨୫ ତାରିଖରେ ନାମ ସଂକୀର୍ତ୍ତନ, ପ୍ରସାଦସେବନ କାର୍ଯ୍ୟ ହୋଇଥିଲା। ମଙ୍ଗଳବାର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ପୁରୀ, କେନ୍ଦୁଝର, କୋରାପୁଟ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ବାଲେଶ୍ୱର ଫୁଲବାଣୀ ସମେତ ବିଭିନ୍ନ ଜିଲାରୁ ବହୁ ସାଧୁସନ୍ନ୍ୟାସୀ ଯୋଗଦେଇ ଭଜନ କୀର୍ତ୍ତନ କରିଥିଲେ। ଅନୁଗୋଳ ଭାଗବତ ପ୍ରଚାରପ୍ରସାର ସମିତି ସଭାପତି ଦୁର୍ଯ୍ୟୋଧନ ଆମାନ୍ତ, ବସନ୍ତ ବରାହ, ଶ୍ରୀଚରଣ ସାମଲ, ବାବା ବାବୁଲି ଦାସ, କର୍ଣ୍ଣ ଦାସ, ସୁଧୀର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ତିମ ଦିନରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

## ବ୍ଲକସ୍ତରୀୟ ମୋ ଢେଙ୍କାନାଳ ମହୋତ୍ସବ




କାମାକ୍ଷାନଗର,୨୭।୯(ଅମଜାଦ୍ ଖାନ)

ଢେଙ୍କାନାଳ ଜିଲାର 'ଗୁରୁଦେବଜୀ ଫାଉଣ୍ଡେଶନ' ଏବଂ 'ମୋ ଢେଙ୍କାନାଳ' ପକ୍ଷରୁ ମଙ୍ଗଳବାର କଙ୍କଡାହାଡ଼ ବ୍ଲକ କନ୍ଧରାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ମୋ ଢେଙ୍କାନାଳ ମହୋତ୍ସବ ଏବଂ ମୋ ପ୍ରତିଭା ମୋ ପରିଚୟ ସାଂସ୍କୃତିକ ଓ ଶିକ୍ଷା ଭିତ୍ତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା, ସଙ୍ଗୀତ ଆଦି ପ୍ରତିଯୋଗିତା କରାଯାଇଥିଲା। ବ୍ଲକର ବିଭିନ୍ନ ସ୍କୁଲର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ବିଜୟ କୁମାର ମିଶ୍ର ଓ ଅନ୍ୟ ବିଚାରକମାନେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ମନୋନୀତ କରିଥିଲେ। ମୁଖ୍ୟ ଅତିଥି ଭାବେ କଙ୍କଡ଼ାହାଡ଼ ବ୍ଲକ ଶିକ୍ଷା ଅଧିକାରୀ ସାଗର କୁମାର ଟୁଡୁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ସାହୁ, ଏସ୍‌ଆଇ ମିହିର କୁମାର ମହାନ୍ତି, ବିଦ୍ୟାଳୟ ଅଧ୍ୟକ୍ଷ କମଳ କୁମାର ମହାନ୍ତି, ଅନୁଷ୍ଠାନର ପ୍ରତିଷ୍ଠାତା ସୌମ୍ୟବ୍ରତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ଦୀପା ସାହୁ, ସମ୍ମାନିତ ଅତିଥି ଭାବେ ଉଦୟନାଥ ସାହୁ ଯୋଗଦେଇଥିଲେ। ଫାଉଣ୍ଡେଶନ ଅଧ୍ୟକ୍ଷ ସୌମ୍ୟବ୍ରତ ସାହୁ ଉପସ୍ଥିତ ଥିଲେ। ବ୍ଲକ କମିଟି ଆବାହକ ସତ୍ୟବାନ ମହନ୍ତ, ପ୍ରତାପ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଆଶୁତୋଷ ପାଢ଼ୀ ଧନ୍ୟବାଦ ଦେଇଥିଲେ।

## ବାଦ୍ୟରେ ଦୁଲୁକିଲା ଗିରାଙ୍ଗ

ବଅଁରପାଳ,୨୭।୯(ଉପେନ୍ଦ୍ର ରାଉତ)

ବଅଁରପାଳ ବ୍ଲକ ଗିରାଙ୍ଗ ଗ୍ରାମରେ ବୁଧବାର ଗଣେଶଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆକର୍ଷଣୀୟ ପୂଜା ମଣ୍ଡପ ସାଙ୍ଗକୁ ସୁସଜ୍ଜିତ ତୋରଣ ନିର୍ମାଣ ହୋଇଥିଲା। ସମସ୍ତ ୮ ମେଢ଼ ଗିରାଙ୍ଗ ଛକଠାରୁ ବାହାରି ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲା। ବିଭିନ୍ନ ବାଦ୍ୟ ବାଜଣା ଡିଜେ ସାଉଣ୍ଡରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇପଡିଥିଲା। ମା' ତାରିଣୀ କ୍ଲବ, ଡେଭ ଲାଇନ୍ କ୍ଲବ, ବାଲ ଗଣେଶ ୟୁଥ୍ କ୍ଲବ, ଫ୍ରେଣ୍ଡେସ କ୍ଲବ, ଦିଲ୍‌ଦାର କ୍ଲବ, ଡେଭିଲି ଭଏଜ ଆଦି କ୍ଲବ ପକ୍ଷରୁ ଭସାଣି ହୋଇଥିଲା।



ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିବା ମେଢ଼।

## ଶୋଭାଯାତ୍ରାରେ ସହର ବୁଲି ବିଦାୟ ନେଲେ ଗଜାନନ



ମେଳଣ ଉତ୍ସବରେ ଆଞ୍ଜାଲଡୁ ନିଲାମ କରାଯାଉଛି।



ଭସାଣିରେ ସାମିଲ ହୋଇଥିବା ଭୁବନ ଗୋଲ୍ଡେନ କ୍ଲବର ସଦସ୍ୟମାନେ।

ଭୁବନ,୨୭।୯(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନରେ ବୁଧବାର ଗଣେଶ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶାନ୍ତି କମିଟି ସଭାପତି ତଥା କାମାକ୍ଷାନଗର ଉପଜିଲାପାଳ ନାରାୟଣ ନାୟକ, କାମାକ୍ଷାନଗର ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଭାତ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏହି ଭସାଣି ଉତ୍ସବ ଆରମ୍ଭ ହେଇଥିଲା। ମେଢ଼ ଶୋଭାଯାତ୍ରା ମେଳଣ ପଡ଼ିଆରୁ ବାହାରି ରାମମନ୍ଦିର ଛକ, କାଳିଜାର, ସିନେମା ହଲ ଛକ, ନୂଆ ବଜାର ଦେଇ ଏନ୍‌ଏସିର ୧୫ଟି ଓାର୍ଡ ପରିକ୍ରମା କରିଥିଲା। ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ନୃତ୍ୟ, ସଂକୀର୍ତ୍ତନ ମଣ୍ଡଳୀ, ରଙ୍ଗଢୋଲ ବାଦ୍ୟ, ପାରମ୍ପରିକ ନୃତ୍ୟ, ସମ୍ବଲପୁର ନୃତ୍ୟଦଳ ଏଥିରେ ସାମିଲ ହୋଇଥିଲେ। ଜେନିଥ କ୍ଲବ ସଭାପତି ସୁବ୍ରତ କୁମାର ସାହୁ, ସମସ୍ତ କର୍ମକର୍ତ୍ତା, ମେଳଣ କମିଟିର ସଦସ୍ୟ ସହଯୋଗ କରିଥିଲେ। ସମସ୍ତ ମେଢକୁ ରଙ୍ଗମାଟିଆ ଓ ବ୍ରାହ୍ମଣୀ ନଦୀରେ ବିସର୍ଜନ କରାଯାଇଥିଲା। ଏହାପୂର୍ବରୁ ମଙ୍ଗଳବାର ଗଣେଶ ପୂଜା ମେଳଣ ମହୋତ୍ସବ ଉଦ୍‌ଯାପିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ, ମୁଖ୍ୟବକ୍ତା ଭାବେ ପଣ୍ଡିତ ମାତୃପ୍ରସାଦ ମିଶ୍ର, ଅତିଥି ଭାବେ ସାମାଜିକ କର୍ମୀ ରବୀନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଭୁବନ ଏନ୍‌ଏସି ନଗରପାଳ ଶୁଭେନ୍ଦୁ କୁମାର ସାହୁ ଯୋଗ ଦେଇଥିଲେ। ସୁବ୍ରତ କୁମାର ସାହୁ ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ। ଉପସଭାପତି ବିନୋଦ ମହାରଣା ପରିଚାଳନା କରିଥିଲେ। ମିଲେନିୟମ କ୍ଲବ୍ ସଦସ୍ୟମାନେ ୩୫୫୦୫ ଟଙ୍କାରେ ଆଞ୍ଜାଲଡୁ ନିଲାମ ନେଇଥିଲେ। ଗଣେଶ ମେଳଣ ମହୋତ୍ସବ ଚାରିଟେବୁଲ ଟ୍ରଷ୍ଟ ସଭାପତି ଜିତେନ୍ଦ୍ର ଦାସ, ସମ୍ପାଦକ ଦିପକ ବେହେରା, ସମସ୍ତ କ୍ଲବର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିଲ ଭିତରକୁ ଓଲଟିପଡ଼ିଲା ଟ୍ରକ୍

କାମାକ୍ଷାନଗର,୨୭ା୯(ଅମଜାଦ୍ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗର ମହୁଲି ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଲୁହା ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ବିଲ ଭିତରକୁ ଓଲଟି ପଡ଼ିଛି। ତେବେ ସୌଭାଗ୍ୟବଶତଃ ଏହି ଦୁର୍ଘଟଣାରେ ଟ୍ରକ୍ ଚାଳକ ଧର୍ମେନ୍ଦ୍ର କୁମାରଙ୍କ ସେପରି କିଛି କ୍ଷତି ହୋଇନାହିଁ। ଢେଙ୍କାନାଳ ଟାଟା ଷ୍ଟିଲ ଫ୍ୟାକ୍ଟ୍ରିରୁ ଲୁହା ବୋଝେଇ କରି ଏହି ୧୨ ଚକିଆ ଟ୍ରକ୍ ଜାମସେଦପୁର ଯାଉଥିବାବେଳେ ଢେଙ୍କାନାଳ- କାମାକ୍ଷାନଗର ମୁଖ୍ୟ ରାସ୍ତାର ମହୁଲି ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।



# ୪ ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ଏନ୍‌କ୍ୱାସ୍ ପୁରସ୍କାର

**ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା**

ଢେଙ୍କାନାଳ,୨୭ା୯(ରତନ ନାୟାର)

ଢେଙ୍କାନାଳ ଜିଲାର ୪ଟି ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରକୁ ଜାତୀୟ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା(ଏନ୍‌କ୍ୱାସ୍) ପୁରସ୍କାର ମିଳିଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଧିକ ସ୍ୱୀକୃତି ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର ମନ୍ତ୍ରାଳୟ ଦ୍ୱାରା ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ସଫଳତା ଯୋଗୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଢେଙ୍କାନାଳ ଜିଲା ଆଉ ଏକ ମାଇଲ ଖୁଣ୍ଟ ଅତିକ୍ରମ କରିଛି। ଆକାଂକ୍ଷା ଜିଲା ଭାବେ ଏହି ସଫଳତା ଢେଙ୍କାନାଳ ପାଇଁ ଗୌରବର ବିଷୟ ହୋଇଛି।

ଏନ୍‌କ୍ୱାସ୍ ପୁରସ୍କାର ହାସଲ କରିଥିବା ଏହି ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରଗୁଡ଼ିକ ହେଲା ଓଡ଼ାପଡ଼ା ବ୍ଲକର କାଣ୍ଡବିନ୍ଧା ଓ ଗୁଣ୍ଡୁଦେଇ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର, ଗଁଦିଆ ବ୍ଲକର କାବେରା ମାଧପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର ଏବଂ ହିନ୍ଦୋଳ ବ୍ଲକର ଚିଉଲପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର। ଗତ ଅଗଷ୍ଟ ୨ରୁ ୫ ତାରିଖ ପର୍ଯ୍ୟନ୍ତ ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗୁଡିକର ସ୍ୱଚ୍ଛତା, ମାନବ ସମ୍ବଳ, ରୋଗୀଙ୍କ ମତାମତ, ରୋଗୀ ସଂଖ୍ୟା, ଗୋଷ୍ଠୀ ସହଭାଗିତାକୁ ଆଧାର କରି ଜାତୀୟ ମାନ ନିର୍ଦ୍ଧାରଣ କମିଟିର ଏକ କେନ୍ଦ୍ରୀୟ ପ୍ରତିନିଧି ଦଳଙ୍କ ଦ୍ୱାରା ଏହାର ମୂଲ୍ୟାଙ୍କନ କରାଯାଇଥିଲା। ଉକ୍ତ ମୂଲ୍ୟାଙ୍କନ ଆଧାରରେ ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗୁଡିକ ଉଲ୍ଲେଖନୀୟ ସଫଳତା ଲାଭ କରି ପୁରସ୍କୃତ ହୋଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ସୂଚନା ପ୍ରଦାନ କରାଯାଇଛି। ଏହି ସଫଳତା ପଛରେ ଜିଲାସ୍ତରୀୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀଙ୍କ ଅବଦାନ ରହିଛି। ଏହିଭଳି ସମସ୍ତଙ୍କ ପ୍ରଚେଷ୍ଟାରେ ଉଲ୍ଲେଖନୀୟ ସଫଳତା ହାସଲ କରି ଅଧିକରୁ ଅଧିକ ସ୍ୱାସ୍ଥ୍ୟକେନ୍ଦ୍ର କିପରି ପୁରସ୍କୃତ ହେବେ ସେ ଦିଗରେ କାର୍ଯ୍ୟ କରିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଆହ୍ୱାନ ଦେଇଛନ୍ତି।



ଓଡ଼ାପଡ଼ା ବ୍ଲକ କାଣ୍ଡବିନ୍ଧା ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର ପରିସରରେ ମୂଲ୍ୟାଙ୍କନ ପାଇଁ ଆସିଥିବା କେନ୍ଦ୍ରୀୟ ପ୍ରତିନିଧି ଦଳ।

# ନାଳ ଉପରେ ପୋଲ କରାଯାଉ

ଢେଙ୍କାନାଳ,୨୭ା୯(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବାଇଁଶିଆ ପଞ୍ଚାୟତ ଅନ୍ତର୍ଗତ କଙ୍କା ଗ୍ରାମବାସୀ ବାଇଁଶିଆ-କଙ୍କା ଗ୍ରାମକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡକ ମଧ୍ୟରେ ଥିବା ନାଳ ଉପରେ ପୋଲ ନିର୍ମାଣ ପାଇଁ ଦାବି କରିଛନ୍ତି। ଏ ନେଇ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବୁଧବାର ଜିଲାପାଳ ସରୋଜ କୁମାର ସେଠୀଙ୍କୁ ପ୍ରଦାନ କରିଛନ୍ତି।

ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି, ପ୍ରଧାନମନ୍ତ୍ରୀ ସଡ଼କରେ ଥିବା ନାଳ ଉପରେ ଏଯାଏ ପୋଲଟିଏ ହୋଇପାରିନାହିଁ। ଫଳରେ ବର୍ଷାଦିନେ କଙ୍କା ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଉଛି। ଗ୍ରାମବାସୀଙ୍କ ବାରମ୍ବାର ଦାବିକୁ ଗୁରୁତ୍ୱ ଦେଇ ଢେଙ୍କାନାଳ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଭୁବନେଶ୍ୱରସ୍ଥିତ ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ହେଲେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଏପର୍ଯ୍ୟନ୍ତ କୌଣସି ପତ୍ର ଆସିପାରୁନାହିଁ କି କାର୍ଯ୍ୟ ହୋଇପାରୁନାହିଁ। ତୁରନ୍ତ ପୋଲ ନିର୍ମାଣ ପ୍ରସ୍ତାବ ପାରିତ କରାଗଲେ ଗ୍ରାମବାସୀ ଉପକୃତ ହେବେ ବୋଲି ଜିଲାପାଳଙ୍କ ନିକଟରେ ଗୁହାରି ଜଣାଇଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ଗ୍ରାମ ସଭାପତି ବିରଞ୍ଚି ନାରାୟଣ ଇନ୍ଦ୍ରଜିତ୍ ସିଂ, ସମ୍ପାଦକ ଶରତ ଚନ୍ଦ୍ର ଥମ୍ବ, ସୁଦର୍ଶନ ଥମ୍ବ, ମଦନ ବଳିୟାରସିଂ, ଭରତ ପରିଡା, ପ୍ରସନ୍ନ ଇନ୍ଦ୍ରଜିତ୍‌ସିଂ, ସଦାନନ୍ଦ ମହାମାନ୍‌ସିଂ, ସୂର୍ଯ୍ୟକାନ୍ତ ମଲ୍ଲିକଙ୍କ ସମେତ ଗ୍ରାମର ଅନେକ ବ୍ୟକ୍ତି ଉପସ୍ଥିତ ଥିଲେ।


ପୋଲ ନିର୍ମାଣ ପାଇଁ ଜିଲାପାଳଙ୍କୁ ଗୁହାରି କରୁଛନ୍ତି ଗ୍ରାମବାସୀ।

# ଭିତ୍ତିଭୂମି ପରଖିଲେ ଅଧିକାରୀ

କାମାକ୍ଷାନଗର,୨୭ା୯
(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବାଇସିଙ୍ଗା ଗ୍ରାମଠାରେ ଗ୍ରାମ୍ୟ ଶିଳ୍ପ ଉଦ୍ୟାନ ପ୍ରତିଷ୍ଠା ନେଇ ପଞ୍ଚାୟତ ସମିତି ପକ୍ଷରୁ ଏକ ପ୍ରସ୍ତାବ ଗୃହିତ ହୋଇଛି। ଏ ନେଇ ବୁଧବାର ବିଡିଓ ଅବିନାଶ ପାଣିଆଙ୍କ ନେତୃତ୍ୱରେ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରସ୍ତାବିତ ଜମିରେ ପହଞ୍ଚି ଭିତ୍ତିଭୂମି ପରଖି ଥିଲେ। ଏହି ପାର୍କ ନିର୍ମାଣ ଦ୍ୱାରା ମିଶନ ଶକ୍ତି, ମାଛ, କୁକୁଡା ଭଳି ସମସ୍ତ ପ୍ରକାର ଯୋଜନାର ମଡେଲ ନିର୍ମାଣ ସହ ତାଲିମ ବ୍ୟବସ୍ଥା ହେବ। ଫଳରେ ଲୋକମାନେ ଏଠାରେ ତାଲିମ ନେବା ନିଜକୁ ସ୍ୱାବଲମ୍ବୀ ହୋଇପାରିବେ।


ଭିତ୍ତିଭୂମି ଅନୁଧ୍ୟାନ କରୁଛନ୍ତି ଅଧିକାରୀମାନେ।

# ମ୍ୟାନେଜମେଣ୍ଟ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ

ଢେଙ୍କାନାଳ,୨୭ା୯(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ବାଣିଜ୍ୟ ବିଭାଗ ପକ୍ଷରୁ 'ଏମର୍ଜିଙ୍ଗ୍ ପାରିଡାଇଙ୍ଗ୍: ଦି ମୋବାଇଲ ଅଫ୍ ମଡର୍ନ ମ୍ୟାନେଜମେଣ୍ଟ ଏଜୁକେଶନ' ଶୀର୍ଷକ ଏକ ପାଠଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ରଞ୍ଜିତ କୁମାର ପ୍ରଧାନ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଡ. ଦେବାଶିଷ ମହାନ୍ତି ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରିଥିଲେ। ଆଇସିଏଫ୍ଏଆଇର ବରିଷ୍ଠ ପ୍ରଫେସର ଶୁଭାନନ୍ଦ ଦେ ମୁଖ୍ୟବକ୍ତା ଭାବେ ଯୋଗଦେଇ ମ୍ୟାନେଜମେଣ୍ଟ ଶିକ୍ଷାର ବିଭିନ୍ନ ଦିଗ ଓ ଏହାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ତଥା ପାଠଚକ୍ର ଆବାହକ ଡ. ରଜନୀକାନ୍ତ ଖୁଣ୍ଟିଆ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ସୁମିତ୍ରା ବେହେରା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ବିଭିନ୍ନ ମିଳିତ ସହଯୋଗ ପାଇଁ ବାଣିଜ୍ୟ ବିଭାଗ ଓ ଆଇସିଏଫ୍ଏଆଇ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଆଇସିଏଫ୍ଏଆଇର ଆଞ୍ଚଳିକ ନିର୍ଦ୍ଦେଶକ ଆଶୁତୋଷ ତ୍ରିପାଠୀ, ଭବାନୀ ଶଙ୍କର ପୃଷ୍ଟି ଓ ଶୁଭାଶିଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବାଣିଜ୍ୟ ବିଭାଗର ଅଧ୍ୟାପିକା ସୌମ୍ୟା ନନ୍ଦ, ରାଧା ଅଗ୍ରୱାଲ, ଅଧ୍ୟାପକ ଡ. ସମ୍ବିତ କୁମାର ସାହୁ, ନିତ୍ୟ ରଞ୍ଜନ ତ୍ରିପାଠୀ, ସନ୍ଦିପ କୁମାର ମହାନ୍ତି ଓ ଆଦିତ୍ୟ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ବାଣିଜ୍ୟ ବିଭାଗ ପକ୍ଷରୁ ଅନୁଷ୍ଠିତ ପାଠଚକ୍ରରେ ଉପସ୍ଥିତ ଅତିଥିମାନେ।

# ରାଜପଥ କାମ ଯାଞ୍ଚ

ଢେଙ୍କାନାଳ,୨୭ା୯(ରତନ ନାୟାର)

ଢେଙ୍କାନାଳ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏକ ପ୍ରତିନିଧି ଦଳ ଓଡ଼ାପଡ଼ା ବ୍ଲକର କଣ୍ଟାବଣିଆଠାରୁ ୫୫ ନଂ. ଜାତୀୟ ରାଜପଥର ସଦର ବ୍ଲକ ବଳଦିଆବନ୍ଧ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଯାଞ୍ଚ କରିଛନ୍ତି। ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ସନ୍ତୋଷଜନକ ଭାବେ ଆଗଉ ନ ଥିବାରୁ ଜନ ପ୍ରତିନିଧି ଓ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କାମ ନ କରି ଏନ୍ଏଚ୍ଏଆଇ ବୈଠକକୁ ଭୁଲ ତଥ୍ୟ ଦେଉଥିବା ଅଭିଯୋଗ ହୋଇଛି। ଫଳରେ ଜିଲାପାଳଙ୍କ ନିର୍ଦ୍ଦେଶରେ ଏକ କମିଟି ଗଠନ କରାଯାଇ ନିର୍ମାଣ କାର୍ଯ୍ୟର ଅଗ୍ରଗତି ଯାଞ୍ଚ କରିବା ପାଇଁ ନିଷ୍ପତି ହୋଇଥିଲା। ତଦ୍‌ନୁଯାୟୀ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର, ଏମ୍‌ଭିଆଇ ଦେବାଶିଷ ସ୍ୱାଇଁ, ସଦର ଏସ୍‌ଡିପିଓ ବିଭୂତି ଭୂଷଣ ପ୍ରଧାନ, କମିଟି ସଦସ୍ୟ ସତ୍ୟସ୍ୱରୂପ ଦାସ ପ୍ରମୁଖ ଏହି ଯାଞ୍ଚ କାର୍ଯ୍ୟ କରିଥିଲେ। ଏ ସମ୍ପର୍କରେ କମିଟି ସଦସ୍ୟମାନେ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ସୂଚନା ଦିଆଯାଇଛି।


ଜାତୀୟ ରାଜପଥ ନିର୍ମାଣ କାମ ଯାଞ୍ଚକଲେ ପ୍ରତିନିଧି ଦଳ।

# ଦୋଳମଣ୍ଡପ ସାହିରେ ଖୁଦୁରୁକୁଣୀ ଓଷା

ଢେଙ୍କାନାଳ,୨୭ା୯(ରତନ ନାୟାର)

ଢେଙ୍କାନାଳ ସହର ଦୋଳମଣ୍ଡପ ସାହିସ୍ଥିତ ମଙ୍ଗଳା ମନ୍ଦିର ନିକଟରେ ଖୁଦୁରୁକୁଣୀ ଓଷା ପାଳିତ ହୋଇଯାଇଛି। ସକାଳୁ ବାଲୁକା ପୂଜା ସହିତ ମା'ଙ୍କ ପୂଜା ହୋଇଥିଲା। ସନ୍ଧ୍ୟାରେ ଆଳତି କରାଯାଇଥିଲା। ଉଖୁଡା, ରାଶି ଲଡୁ, କଦଳୀ ନଡ଼ିଆ ଆଦି ଫଳମୂଳ ଭୋଗ ଲାଗି କରାଯିବା ସହ ବୋଇତ ବନ୍ଦାଣ ହୋଇଥିଲା। ସକୁନ୍ତଳା ବେହେରା, ସ୍ୱାଗତିକା ସାମଲ, ସୁକାନ୍ତି ପରିଡ଼ା, ରିଙ୍କି ଷଣ୍ଢ, ବର୍ଷା ଷଣ୍ଢ, ସିମାଲି ଷଣ୍ଢ, ମାମାଲି ବେହେରା ଓ ଅନ୍ୟମାନେ ନିଷ୍ଠାର ସହ ମା'ଙ୍କ ପୂଜାକୁ ପାଳନ କରିଥିଲେ।


ଦୋଳମଣ୍ଡପ ସାହିରେ ଖୁଦୁରୁକୁଣୀ ଓଷା ପାଳନ ଅବସରରେ ଝିଅ ଓ ମହିଳାମାନେ।

# ଗାଡ଼ି ଧକ୍କାରେ ମହିଳା ମୃତ

ଭୁବନ,୨୭ା୯
(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଥାନା ଶ୍ୟାମଳ ଗ୍ରାମ ନିକଟସ୍ଥ ୫୩ ନଂ. ଜାତୀୟ ରାଜପଥରେ ବୁଧବାର ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଶ୍ୟାମଳ ଗ୍ରାମର ଶଙ୍ଖୀ ଥାଟୋଇ। ଶଙ୍ଖୀ ଘର କାମ ସାରି ନିକଟସ୍ଥ ପୋଖରୀକୁ ଗାଧେଇବା ପାଇଁ ଯାଉଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। କ୍ଷତିପୂରଣ ଦାବିରେ ଗ୍ରାମବାସୀ ଜାତୀୟ ରାଜପଥ ଅବରୋଧ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାଶୁଝା ଚଳାଇଛି। ଖବରଲେଖା ହେବା ବେଳକୁ ଆନ୍ଦୋଳନ ଜାରି ରହିଛି। ପୋଲିସ ଘଟଣାସ୍ଥଳରେ ଉପସ୍ଥିତ ଅଛି।

# ସୁନାଗରିକ ହେବାକୁ ପରାମର୍ଶ


ହିନ୍ଦୋଳ କଲେଜ ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

ସାତମାଇଲ,୨୭ା୯(ସୁଶାନ୍ତ କୁମାର ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ହିନ୍ଦୋଳ କଲେଜ ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ବୁଧବାର ଯୁକ୍ତ ୩ ପ୍ରଥମ ବର୍ଷ (ସମ୍ମାନ)ରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ସାହୁ ଯୋଗଦେଇ ସୁନାଗରିକ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅତିଥି ଭାବେ ଅଧ୍ୟାପକ ବିମଳ ପ୍ରଧାନ, ନିର୍ମଳଚନ୍ଦ୍ର ପାଣିଗ୍ରାହୀ, କ୍ୟାପଟେନ ଡ. କିଶୋର କୁମାର ପୃଷ୍ଟି, ଶିବଶଙ୍କର ଦାସ, ଦିଲୀପ ଗଡ଼ନାୟକ, ବରିଷ୍ଠ କର୍ମଚାରୀ ମଙ୍ଗରାଜ ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଚ୍ଚ ଚିନ୍ତାଧାରା ଓ ପ୍ରଗତିଶୀଳ ମନୋଭାବ ଦେଶକୁ ପ୍ରଗତି ପଥରେ ଆଗେଇ ନେବ ବୋଲି ମତପ୍ରକାଶ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଜୟନ୍ତ ନାରାୟଣ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଡେମୋନଷ୍ଟ୍ରେଟର ବିଶ୍ୱରଞ୍ଜନ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଭାଗୀୟ ଅଧ୍ୟାପକ ମନୋରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# 'ଆମ ବସ୍‌ଷ୍ଟାଣ୍ଡ' ପରିଦର୍ଶନ କଲେ ଜିଲାପାଳ

ଢେଙ୍କାନାଳ,୨୭ା୯(ରତନ ନାୟାର)

ଢେଙ୍କାନାଳ ବସ୍‌ଷ୍ଟାଣ୍ଡଠାରେ ନିର୍ମାଣାଧୀନ ଆମ ବସ୍‌ଷ୍ଟାଣ୍ଡକୁ ବୁଧବାର ଜିଲାପାଳଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ପରିଦର୍ଶନରେ ଯାଇଥିଲେ। ବସ୍‌ଷ୍ଟାଣ୍ଡ ପରିସରରେ ଥିବା ମନ୍ଦିରକୁ ଉଚ୍ଛେଦ କରାଯିବା ପାଇଁ ପୂର୍ବରୁ ନିଷ୍ପତ୍ତି ହୋଇଥିବାରୁ ଦେବୋତ୍ତର ବିଭାଗ ସହଯୋଗରେ ଠାକୁରଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଇଥିଲା। ସେହିପରି

**ମନ୍ଦିରରୁ ଠାକୁରଙ୍କୁ କରାଗଲା ସ୍ଥାନାନ୍ତର**

ନୂତନ ବସ୍‌ଷ୍ଟାଣ୍ଡକୁ ବସ୍‌ଗୁଡିକ ପ୍ରବେଶ ପାଇଁ ନିର୍ଦ୍ଧାରିତ ହୋଇଥିବା ରାସ୍ତା ମଧ ଚଉଡା କରିବା ପାଇଁ ଏହାକୁ ଉଚ୍ଛେଦ କରାଯିବ। ଏହି ସମସ୍ତ କାର୍ଯ୍ୟକୁ ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀ ବୁଲି ଦେଖିଥିଲେ। ଅକ୍ଟୋବର ମାସରେ ଢେଙ୍କାନାଳ ମୋ ବସ୍‌ଷ୍ଟାଣ୍ଡ ଲୋକାର୍ପିତ ହେବାର କାର୍ଯ୍ୟକ୍ରମ ରହିଛି। ଜିଲାପାଳ ସରୋଜ କୁମାର ସେଠୀ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, କାମାକ୍ଷାନଗର ଉପଜିଲାପାଳ ନାରାୟଣଚନ୍ଦ୍ର ନାୟକ, ସଦର ଏସ୍‌ଡିପିଓ ବିଭୂତି ଭୂଷଣ ପ୍ରଧାନ, ସହକାରୀ ଦେବୋତ୍ତର ଅଧିକାରୀ ହରିହର ପଞ୍ଝୁଆତୀ, ବସ୍ ମାଲିକ ସଂଘ ପକ୍ଷରୁ ପ୍ରଭାକର ବେହେରା, ରୁଦ୍ର ନାରାୟଣ ତ୍ରିପାଠୀ, ଜିଲା ସାମ୍ବାଦିକ ସଂଘ ସମ୍ପାଦକ ସତ୍ୟ ସ୍ୱରୂପ ଦାସ ପ୍ରମୁଖ ଉପସ୍ଥିତ ରହି ଜବରଦଖଲ ଉଚ୍ଛେଦ ସମ୍ପର୍କରେ ଆଲୋଚନା କରିଥିଲେ।


ନିର୍ମାଣାଧୀନ ଆମ ବସ୍‌ଷ୍ଟାଣ୍ଡ ପରିସରରେ ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

# ମୂକ, ବଧିରଙ୍କ ପ୍ରତି ସମ୍ବେଦନଶୀଳ ହୁଅ

**ଅନ୍ତର୍ଜାତୀୟ ବଧିର ଦିବସ ପାଳନ**

ଢେଙ୍କାନାଳ,୨୭ା୯(ରତନ ନାୟାର)

ଢେଙ୍କାନାଳ ଜିଲା ମୂକ ଓ ବଧିର ସଂଘ ପକ୍ଷରୁ ୬୬ତମ ଅନ୍ତର୍ଜାତୀୟ ବଧିର ଦିବସ ବୁଧବାର ପାଳିତ ହୋଇଯାଇଛି। ସଂଘର ଜିଲା ସଭାପତି ମନୋରଞ୍ଜନ ସାମଲଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବାଜିଚୌକଠାରେ ସମସ୍ତ କର୍ମକର୍ତ୍ତାଙ୍କୁ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୂକ ଓ ବଧିର ଭଉଣୀଭାଇଙ୍କ ପ୍ରତି ସମ୍ବେଦନଶୀଳ ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରାଇବା ଓ ସେମାନଙ୍କ ଉନ୍ନତି ପାଇଁ କାର୍ଯ୍ୟକରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଢେଙ୍କାନାଳ ଉପଜିଲାପାଳ ଦାୟିତ୍ୱରେ ଥିବା ନାରାୟଣଚନ୍ଦ୍ର ନାୟକ ଯୋଗଦେଇ ମୂକ ଓ ବଧିରମାନେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଦେଖାଇ ପାରିଛନ୍ତି। ସମାଜରେ ସମସ୍ତେ ପ୍ରୋତ୍ସାହନ ଓ ସହଯୋଗ କଲେ ସେମାନେ ଆହୁରି ଆଗକୁ ଯାଇ ଦେଶର ନାମ ରଖିପାରିବେ ବୋଲି ପ୍ରକାଶ କରିଥିଲେ। ସଂଘ ପୃଷ୍ଠପୋଷକ ବରିଷ୍ଠ ଆଇନଜୀବୀ ଦୀପକ ପ୍ରସାଦ ପଟ୍ଟନାୟକ ଯୋଗଦେଇ ମୂକ ଓ ବଧିରମାନଙ୍କ ବିଭିନ୍ନ ଅସୁବିଧାଗୁଡ଼ିକର ସମାଧାନ ଓ ସାହାଯ୍ୟ କାମନା କରିଥିଲେ। ଅତିଥିମାନଙ୍କ ବକ୍ତବ୍ୟକୁ ଅନୁବାଦିକା ସୋନାଲି ସାମଲ ସାଂକେତିକ ଭାଷାରେ ବଧିର ଭଉଣୀଭାଇଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଅତିଥିମାନେ ସବୁଜ ପତାକା ଦେଖାଇ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିବା ପରେ ଶତାଧିକ ସଦସ୍ୟ ଶୋଭାଯାତ୍ରା କରି ଜିଲା ସୂଚନା କେନ୍ଦ୍ର ପର୍ଯ୍ୟନ୍ତ ଯାଇଥିଲେ। ରାଜ୍ୟ ବଧିର ସଂଘ ଉପସଭାପତି ବିଶ୍ୱଜିତ୍ ହୋତା, ଜିଲା ଉପସଭାପତି ବସନ୍ତ କୁମାର ପଟ୍ଟନାୟକ ଓ ରାଜେନ୍ଦ୍ର ନାରାୟଣ ସାମଲଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଶେଷରେ ଜିଲା ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ।



ଅନ୍ତର୍ଜାତୀୟ ବଧିର ଦିବସ ପାଳନ ଅବସରରେ ଶୋଭାଯାତ୍ରା।

